ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. –ସେମିଳିଗୁଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ଜ୍ଞାନକୌଶଳ ପ୍ରସାରଣ କେନ୍ଦ୍ର
ସେମିଳିଗୁଡା, ପି. ବି.-୧୦, ସୁନାବେଡା, କୋରାପୁଟ,ଓଡ଼ିଶା- ୭୬୩୦୦୨

ସପ୍ତାହ କ୍ର.ସଂ.- ୦୩ **ପାଣିପାଗ ଜନିତ କୃଷି ଉପଦେଶ** ତାରିଖ –୧୯.୦୧.୨୦୨୪

**ଜିଲ୍ଲା- କୋରାପୁଟ (ଇଷ୍ଟର୍ନ ଘାଟ ହାଇ ଲ୍ୟାଣ୍ଡ ଜୋନ ଏବଂ ସାଉଥ ଇଷ୍ଟର୍ନ ଘାଟ ଜୋନ)**

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୧୫.୦୧.୨୦୨୪ | ୧୬.୦୧.୨୦୨୪ | ୧୭.୦୧.୨୦୨୪ | ୧୮.୦୧.୨୦୨୪ |
| ବୃଷ୍ଟିପାତ (ମି.ମି.) | ୦.୦ | ୦.୦ | ୦.୦ | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୦ | ୩୦ | ୩୦ | ୩୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୯ | ୯ | ୯ | ୯ |

**ଆସନ୍ତା ପାଞ୍ଚ ଦିନର (୨୦.୦୧.୨୦୨୪ ଠାରୁ ୨୪.୦୧.୨୦୨୪) ପାଣିପାଗର ପୂର୍ବାନୁମାନ**

(ଏମ.ସି., ଆଇ.ଏମ.ଡି., ଭୁବନେଶ୍ୱର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ପାଗ ରହିବ ଏବଂ ଆଗାମୀ ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା ୨୯ ରୁ ୩୦ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୯ ରୁ ୧୧ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୮୦ ରୁ ୯୧ ଭାଗ ଏବଂ ୩୪ ରୁ ୪୬ ଭାଗ ରହିବାର ସମ୍ଭାବନା ଅଛି।

| ତାରିଖ | ବୃଷ୍ଟିପାତ (ମି.ମି.) | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ମେଘାଛନ୍ନ | ସର୍ବାଧିକ ଆର୍ଦ୍ରତା (%) | ସର୍ବନିମ୍ନ ଆର୍ଦ୍ରତା (%) | ପବନର ବେଗ (କି.ମି./ଘଣ୍ଟା) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|
| ୨୦.୦୧.୨୦୨୪ | ୦ | ୩୦ | ୯ | ୨ | ୮୦ | ୩୪ | ୫ | ୧୫୮ |
| ୨୧.୦୧.୨୦୨୪ | ୦ | ୩୦ | ୯ | ୨ | ୮୪ | ୩୬ | ୬ | ୧୮୦ |
| ୨୨.୦୧.୨୦୨୪ | ୦ | ୩୦ | ୧୦ | ୩ | ୮୩ | ୪୨ | ୫ | ୨୦୭ |
| ୨୩.୦୧.୨୦୨୪ | ୦ | ୨୯ | ୧୧ | ୪ | ୮୬ | ୪୩ | ୬ | ୧୫୩ |
| ୨୪.୦୧.୨୦୨୪ | ୦ | ୨୯ | ୧୧ | ୪ | ୯୧ | ୪୬ | ୬ | ୧୬୨ |

**ପାଣିପାଗ ଭିତ୍ତିକ କୃଷି ଉପଦେଶ**

ସାଧାରଣ:

- ଖରିଫ ଫସଲର ଅବଶେଷ ଜଳାନ୍ତୁ ନାହିଁ । ଏହା ପରିବେଶ ପ୍ରଦୁଷଣ  କରିବା ସହିତ ଶରୀରକୁ ମଧ୍ୟ ବହୁତ କ୍ଷତି ପହଞ୍ଚାଇ ଥାଏ  ।
- ମୃତ୍ତିକା ସ୍ୱାସ୍ଥ କାର୍ଡରେ ଉଲ୍ଲେଖ କରାଯାଇଥିବା ମାଟି ପରୀକ୍ଷା ଭିତ୍ତିକ ସୁପାରିଶ ଅନୁଯାୟୀ ସମସ୍ତ ଫସଲରେ ସନ୍ତୁଳିତ ସାର ପ୍ରୟୋଗ କରନ୍ତୁ ।
- ଟମାଟୋ, ବାଇଗଣ ଏବଂ କୋବି ଜାତୀୟ ଫସଲର ତଳିଘରାରେ ତାପମାତ୍ରା ଅଧିକ ରଖିବା ପାଇଁ ପଲିଥିନ ରେ ତଳିଘରାକୁ ରାତିରେ ଘୋଡାଇ ରଖନ୍ତୁ ଏବଂ ଦିନରେ ଖୋଲା ରଖନ୍ତୁ ।

ଧାନ:

- ଖରିଫ ଧାନ କାଟିବା କାମ ଜାରି ରଖନ୍ତୁ, ପ୍ରତ୍ୟେକ କିସମ ଅଲଗା କାଟନ୍ତୁ ଏବଂ ଅଲଗା ସଫା କରି ବସ୍ତାରେ ରଖନ୍ତୁ । ଧାନକୁ ଷ୍ଟୋର କରିବା ପୂର୍ବରୁ ଏହାକୁ ସଠିକ୍ ଭାବରେ ଶୁଖାଇ ନିଅନ୍ତୁ ।
- ବର୍ତ୍ତମାନ ପାଗ ଡାଲୁଅ ଧାନର ତଳି ପକାଇବା ପାଇଁ ଉପଯୁକ୍ତ । ଆଗୁରୁ ରୁଆରୋଇ କାମ ସାରିଲେ କାଣ୍ଡବିନ୍ଧା ପୋକର ଆକ୍ରମଣ କମ୍ ହେବ ତେଣୁ ଡିସେମ୍ବର ମାସ ମଧ୍ୟରେ ତଳି ପକାଇବା କାମ ପୁରା କରନ୍ତୁ ।
- ପ୍ରତି ଏକର ଜମି ରୋଇବାକୁ ୮ ଡେସିମିଲି ଅଥବା ୩୨୦ ବର୍ଗ ମିଟର ଜମି ତଳିଘେରା ପାଇଁ ଆବଶ୍ୟକ ହୋଇଥାଏ । ହୃଷ୍ଟ ପୃଷ୍ଟ ତଳି ଉତ୍ପାଦନ ପାଇଁ ୮ ଡେସିମିଲି ତଳିଘେରାରେ ୧୬୦ କି.ଗ୍ରା. ସଢା ଗୋବର ଖତ, ୩.୫ କି.ଗ୍ରା. ଡି.ଏ.ପି., ୨.୭ କି.ଗ୍ରା. ପଟାସ, ୨.୧ କି.ଗ୍ରା. ୟୁରିଆ ଏବଂ ୧୬୦ ଗ୍ରାମ୍ ଜିଙ୍କ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ବୁଣିବା ପୂର୍ବରୁ ପ୍ରତି କିଲୋ ବିହନରେ ୩ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୨ ଗ୍ରାମ୍ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡି.ଏସ୍. ମିଶାଇ ବିଶୋଧନ କରନ୍ତୁ ।

ମକା:

- ମକା ଜମିରେ ଘାସ ଦମନ ପାଇଁ ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ଏକର ପ୍ରତି ୧୧୫ ମି.ଲି. ଟେମ୍ବୋଟ୍ରିୟନି ୩୪.୪% ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ବୁଣିବାର ୨୦ ରୁ ୨୫ ଦିନ ପରେ ଏକର ପ୍ରତି ୩୫ କି.ଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ ।
- ମକା ଜମିରେ ଫଲ୍ ଆର୍ମି ଓର୍ମ ପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. କିମ୍ବା ୦.୪ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ମିଶାଇ ସିଞ୍ଚନ କରନ୍ତୁ ।

ଚିନାବାଦାମ:

- ରବି ବାଦାମ ବୁନିବାର ୩ ରୁ ୪ ସପ୍ତାହର ହୋଇଗଲେ ଜମିରୁ ଘାସ ବାଛି ଦିଅନ୍ତୁ ଏବଂ ଏକର ପିଛା ୧୦୦ କି.ଗ୍ରା. ଜିପସାମ ଗଛ ମୂଳରେ ଭଲ ଭାବେ ମିଶାଇ ଜଳସେଚନ କରନ୍ତୁ ।
- ଚିନାବାଦାମ ଜମିରେ ଗଜା ଓ କାଣ୍ଡସଢ଼ା ରୋଗ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ୍ ୮% + ମାଙ୍କୋଜେବ୍ ୬୪% ଡବ୍ଲୁ.ପି. ଅଥବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।

ସୋରିଷ/ତୋରିଆ:

- ସୋରିଷ ପାଇଁ ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ଓ ତୋରିଆ ପାଇଁ ୨୨ କି.ଗ୍ରା. ୟୁରିଆ ୨୧ ଦିନ ପରେ ଜମିରୁ ଘାସ ବାଛି ପ୍ରୟୋଗ କରନ୍ତୁ ।
- ଜମିରେ ଜଉ ପୋକ ଦେଖାଦେଇପାରେ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧.୫ ମି.ଲି. ଡାଇମେଥୋଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

ବନ୍ଧାକୋବି:

- ଅଧିକ ଅମଳ ପାଇବା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ବୋରାକ୍ସ (୧୦.୫% ବୋରନ) ମିଶାଇ ରୋଇବାର ୩୦ ଓ ୫୦ ଦିନ ପରେ ସିଞ୍ଚନ କରନ୍ତୁ ।
- ବନ୍ଧାକୋବିରେ ଜଉ ପୋକ ଦେଖାଦେଇପାରେ, ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଜି. କିମ୍ବା ୦.୨ ଗ୍ରାମ୍ ଏସିଟାମିପ୍ରିଡ୍ ୨୦% ଏସ୍.ପି. ମିଶାଇ ସିଞ୍ଚନ କରନ୍ତୁ।

ଫୁଲକୋବି:

- ଫୁଲକୋବି ଜମିରେ ଠିକିରି ପିଠିଆ ପୋକ ଦେଖାଦେଇପାରେ, ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଏଜାଡିରକ୍ଟିନ୍ ୫% ଡବ୍ଲୁ/ଡବ୍ଲୁ କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।
- ଅଧିକ ଅମଳ ପାଇବା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ବୋରାକ୍ସ (୧୦.୫% ବୋରନ) ମିଶାଇ ରୋଇବାର ୩୦ ଓ ୫୦ ଦିନ ପରେ ସିଞ୍ଚନ କରନ୍ତୁ ।

ବାଇଗଣ:

- ବାଇଗଣ ରୋଇବାର ୪୦ ଦିନ ପରେ ଏକର ପ୍ରତି ୪୩ କି.ଗ୍ରା. ୟୁରିଆ ଏବଂ ୨୦ କି.ଗ୍ରା. ପଟାସ୍ ସାର ଦେଇ ହୁଡ଼ା ଟେକି ଦିଅନ୍ତୁ ଏବଂ ଜଳସେଚନ କରନ୍ତୁ ।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ଦେଖାଦେଇପାରେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୩ ମି.ଲି. ଏଜାଡିରକ୍ଟିନ୍ ୧% ଇ.ସି. କିମ୍ବା ୦.୪ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. ମିଶାଇ ସିଞ୍ଚନ କରନ୍ତୁ ।

ଟମାଟୋ:

- ଟମାଟୋ ଜମିରେ ସଅଳ ପତ୍ର ପୋଡ଼ା ରୋଗ ଦେଖାଦେଇପାରେ, ଦେଖାଗଲେ ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ମି.ଲି. ଆଜୋକ୍ସିଷ୍ଟ୍ରୋବିନ୍ ୧୮.୨% + ଡାଇଫେନୋକୋନାଜୋଲ୍ ୧୧.୪% ଏସ୍.ସି. କିମ୍ବା ୨.୫ ଗ୍ରାମ୍ କ୍ୟାପଟନ୍ ୫୦% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତୀ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ରାଜ୍ୟର କୃଷି ଅଧିକାରୀ/ଉଦ୍ୟାନ କୃଷି ଅଧିକାରୀ ସହିତ ସମ୍ପର୍କ କରନ୍ତୁ।

---

ଡଃ.ପର୍ଶୁରାମ ଶିଅଳ
(ନୋଡାଲ୍ ଅଫିସର, ଜି.କେ.ଏମ୍.ଏସ୍.,ସେମିଳିଗୁଡା)